ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୮୧-୮୨ ମସିହାର ବଜେଟ
# ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ
# ଅଭିଭାଷଣ

ମାର୍ଚ୍ଚ ୧୧, ୧୯୮୧

ଓଡ଼ିଶା ବିଧାନ ସଭାରେ

୧୯୮୧-୮୨ ମସିହାର ବଜେଟ ଉପସ୍ଥାପନ କରି

## ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ ଅଭିଭାଷଣ

ମହାଶୟ,

୧୯୮୧-୮୨ ବର୍ଷର ଆର୍ଥିକ ବିବରଣୀ ଏବଂ ତତ୍‌ସମ୍ବନ୍ଧୀୟ ବଜେଟର ଅନ୍ୟାନ୍ୟ ଆନୁସଙ୍ଗିକ କାଗଜପତ୍ର ମାନ୍ୟବର ସଭ୍ୟମାନେ ପାଇସାରିଛନ୍ତି ।

୨ । ଛଅ ମାସ ତଳେ ୧୯୮୦-୮୧ ମସିହାର ପରିବର୍ତ୍ତିତ ବଜେଟ ଅଟକଳ ଉପସ୍ଥାପିତ କଲାବେଳେ ଯେଉଁ ଆର୍ଥିକ ଦୁରବସ୍ଥା ମଧ୍ୟରେ ଅଟକଳ ପ୍ରସ୍ତୁତ କରାଯାଇଥିଲା ତାହା ମୁଁ ଗୃହର ମାନ୍ୟବର ସଭ୍ୟମାନଙ୍କୁ ଦର୍ଶାଇଥିଲି । ଗତବର୍ଷ ଆମେ ଯେତେବେଳେ ଶାସନଭାର ଗ୍ରହଣକଲୁ ସେହି ସମୟରେ ଜାତୀୟ ଆର୍ଥିକ ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ମୁଦ୍ରାସ୍ଫୀତିର କ୍ରମଶଃ ବୃଦ୍ଧି ସାଙ୍ଗକୁ ଜାତୀୟ ଆୟ କ୍ରମଶଃ ହ୍ରାସ ପାଇବାରେ ଲାଗିଥିଲା ଏବଂ ସବୁ ସ୍ତରରେ ଅସ୍ଥିରତା ବ୍ୟାପିଯାଇଥିଲା । ଯଦିଓ ଦରଦାମ ବୃଦ୍ଧି ନେଇ ଆମେ ଉଦ୍‌ବିଗ୍ନ, ତଥାପି ଅର୍ଥନୀତିର ସୁଚିନ୍ତିତ, ସୁନିୟନ୍ତ୍ରିତ ଏବଂ ଦୃଢ଼ ପରିଚାଳନା ଦ୍ୱାରା ଇତ୍ୟବସରେ ଅନେକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି ଓ ୧୯୮୧-୮୨ ମସିହା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି । ୧୯୭୯ ମସିହାରେ ମୁଦ୍ରାସ୍ଫୀତି ହାର ଯାହା ଶତକଡ଼ା ୧୯ ଭାଗ ଥିଲା ତାହା ଗତବର୍ଷ ଶତକଡ଼ା ୧୩ ଭାଗକୁ କମି ଆସିଛି । ୧୯୭୯-୮୦ ଆର୍ଥିକ ବର୍ଷରେ ଆମର ଜାତୀୟ ଆୟ ପ୍ରକୃତ କ୍ଷେତ୍ରରେ ଶଡ଼କଡ଼ା ୪·୫ ଭାଗ କମିଯାଇଥିଲା; କିନ୍ତୁ ଚଳିତ ବର୍ଷ ସେହି କ୍ଷେତ୍ରରେ ତାହା ଶତକଡ଼ା ୬·୫ ଭାଗ ବୃଦ୍ଧିପାଇବ ବୋଲି ଆଶା କରାଯାଉଛି । କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇପାରିଛି । ଶାନ୍ତିପୂର୍ଣ୍ଣ ବାତାବରଣ ଓ ଆବଶ୍ୟକୀୟ ଉପକରଣର ବ୍ୟବସ୍ଥା ଯୋଗୁଁ ଶିଳ୍ପକ୍ଷେତ୍ରରେ ଉନ୍ନତିର ଆଶା ପୁନଃସଞ୍ଚାର ହୋଇଅଛି । ଜାତୀୟ ଅର୍ଥନୀତିର କ୍ରମ ଅଭିବୃଦ୍ଧି ସୁନିୟନ୍ତ୍ରିତ ଏବଂ ସୁବ୍ୟବସ୍ଥିତ ହୋଇପାରିଥିବା ଲକ୍ଷ୍ୟ କରାଯାଉଛି ।

୩ । ଓଡ଼ିଶାପାଇଁ ୧୯୮୦ ମସିହାଟି ବାସ୍ତବରେ ଗୋଟିଏ ପରୀକ୍ଷା ସମୟ ଥିଲା । ବିଗତ ବର୍ଷର ଭୟଙ୍କର ମରୁଡ଼ି ପରିସ୍ଥିତି ସୁଧୁରି ଆସିବା ବେଳକୁ ଗତ

ସେପ୍ଟେମ୍ବର ମାସରେ ଆମ ରାଜ୍ୟ ପୁଣି ଥରେ ଅଭୂତପୂର୍ବ ବନ୍ୟାର କରାଳ କବଳରେ ପଡ଼ିଯାଇଥିଲା । ବଂଶଧାରା ନଦୀର ଅପ୍ରତ୍ୟାଶିତ ପ୍ରଳୟଙ୍କରୀ ବନ୍ୟା କୋରାପୁଟ ଓ ଗଞ୍ଜାମ ଜିଲ୍ଲାର କେତେକ ଅଂଶକୁ ସଂପୂର୍ଣ୍ଣରୂପେ ଧୋଇ ନେଇ ଗୁରୁତର ଦୁଃଖଦାୟକ ପରିସ୍ଥିତି ସୃଷ୍ଟିକଲା । ପରେ ପରେ ମହାନଦୀର ବନ୍ୟା ମଧ୍ୟ ଅନ୍ୟ ଅଞ୍ଚଳମାନଙ୍କର ପ୍ରଭୂତ କ୍ଷତି ଘଟାଇଲା । ଏହି ପରିସ୍ଥିତିର ମୁକାବିଲା ତଥା ଲୋକଙ୍କର ଆଶୁ ସାହାଯ୍ୟ, ପୁନଃବସତି ଏବଂ ବିଧ୍ୱସ୍ତ ସାଧାରଣ ସମ୍ପତ୍ତିର ପୁନଃନିର୍ମାଣ ଲାଗି ରାଜ୍ୟ ସରକାରଙ୍କୁ ପର୍ଯ୍ୟାପ୍ତ ଭାବରେ ଲୋକଶକ୍ତି, ବୈଷୟିକ ଶକ୍ତି ଏବଂ ଅର୍ଥଶକ୍ତିର ବ୍ୟବସ୍ଥା କରିବାକୁ ପଡ଼ିଥିଲା । ବନ୍ୟାକ୍ଲିଷ୍ଟ ଅଞ୍ଚଳଗୁଡ଼ିକରେ ସାହାଯ୍ୟ ଏବଂ ପୁନଃନିର୍ମାଣ ନିମନ୍ତେ ସମୟୋପଯୋଗୀ ଅନୁଦାନ ଦେଇଥିବାରୁ ମୁଁ ଏହି ଅବସରରେ ଭାରତ ସରକାରଙ୍କ ପ୍ରତି ଆମ ସରକାରଙ୍କର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି । କିଛିଦିନ ତଳେ ଏହି ଗୃହରେ ଯେଉଁ ଅତିରିକ୍ତ ବ୍ୟୟବାବୀ ଗୃହୀତ ହୋଇଯାଇଛି ସେଥିରୁ ବନ୍ୟାକ୍ଲିଷ୍ଟ ଲୋକମାନଙ୍କର ଦୁଃଖଦୁର୍ଦ୍ଦଶା ମୋଚନ ପାଇଁ ଆମ ସରକାର କିପରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନେଇଛନ୍ତି ତାହା ସ୍ପଷ୍ଟ ସୂଚିତ ହେଉଛି ।

୪ । ଏହିଭଳି ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ରାଜ୍ୟରେ ଖାଦ୍ୟଦ୍ରବ୍ୟର ମୂଲ୍ୟସୂଚୀରେ ସ୍ଥିରତା ରକ୍ଷା କରାଯାଇ ପାରିଛି । ଶସ୍ୟ ସଂଗ୍ରହ କ୍ଷେତ୍ରରେ ଅଗ୍ରଗତି ଏବଂ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଯୋଗାଣ ଓ ବଣ୍ଟନରେ ଉନ୍ନତି କରାଯାଇ ପାରିଛି । ରାଜ୍ୟର ସମୂହ ଉନ୍ନତିର ପଦକ୍ଷେପକୁ ତ୍ୱରାନ୍ୱିତ କରିବାପାଇଁ ଆମ ପ୍ରଚେଷ୍ଟା ଅବ୍ୟାହତ ରହିଛି ।

୫ । ଜାତୀୟ ଉନ୍ନୟନ ପରିଷଦ ଯେଉଁ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଅନୁମୋଦନ କରିଛନ୍ତି ସେଥିରେ ଓଡ଼ିଶାର ରାଜ୍ୟ ଯୋଜନା ପାଇଁ ୧୫୦୦ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ରଖାଯାଇଅଛି । ଏହା ସାଙ୍ଗକୁ କେନ୍ଦ୍ରୀୟ ଯୋଜନା କ୍ଷେତ୍ରରେ ମଧ୍ୟ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଅଛି । କେନ୍ଦ୍ର ସରକାର ଓଡ଼ିଶାରେ ଗୋଟିଏ ବୃହତ ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା କରିବାପାଇଁ ନିଷ୍ପତ୍ତି ନେଇଥିବା ଆମ ପକ୍ଷରେ ବିଶେଷ ଆଶ୍ୱସ୍ତିର ବିଷୟ । ଅଧିକନ୍ତୁ ଓଡ଼ିଶାରେ ଆଉ ଗୋଟିଏ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରିବାର ଆବଶ୍ୟକତା ମଧ୍ୟ ଉପଲବ୍ଧ ହୋଇପାରିଛି । ଅର୍ଥନୈତିକ ବିଗ୍ରହ ଦୃଷ୍ଟିରୁ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ପାରାଦ୍ୱୀପରେ ଗୋଟିଏ ସାର କାରଖାନା,

ତାଳଚେରଠାରେ ତାପଜ ବିଦ୍ୟୁତ୍ କେନ୍ଦ୍ର, ଭୀମକୁଣ୍ଡଠାରେ ବୃହତ୍ ଜଳବିଦ୍ୟୁତ୍ ପରିଯୋଜନା ଏବଂ ପାରାଦ୍ୱୀପ ବନ୍ଦରର ଦ୍ରୁତ ଉନ୍ନୟନ ଯଥାର୍ଥ ବୋଲି ବିବେଚିତ ହୋଇପାରିଛି । ମୋର ସଂପୂର୍ଣ୍ଣ ବିଶ୍ୱାସ ଯେ ଷଷ୍ଠ ଯୋଜନା କାଳ ମଧ୍ୟରେ ଏହିସବୁ ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଅର୍ଥନୈତିକ ଭିତ୍ତି ସୁଦୃଢ଼ ହେବ । ଏହି ଯୋଜନା କାଳରେ ଅର୍ଥ ଲଗାଣ ସଂସ୍ଥାମାନଙ୍କର ପୁଞ୍ଜି ବିନିଯୋଗର ପରିମାଣ ବୃଦ୍ଧି ରାଜ୍ୟର ସମନ୍ୱିତ ଉନ୍ନତି ନିମନ୍ତେ ରାଜ୍ୟସରକାରଙ୍କ ସମ୍ବଳର ପରିପୂରକ ହେବ । ଓଡ଼ିଶାରେ ବ୍ୟାଙ୍କ ସୁବିଧାର ଯଥେଷ୍ଟ ପ୍ରସାର ଘଟିନଥିବା ଦୃଷ୍ଟିରୁ ଆମ୍ଭେମାନେ ବ୍ୟାଙ୍କଗୁଡ଼ିକର ସମ୍ପ୍ରସାରଣ ପାଇଁ ସର୍ବଦା ଉଦ୍ୟମ କରି ଆସିଅଛୁ । ଫଳତଃ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକର ଶାଖା ୧୯୭୯ ମସିହା ଡିସେମ୍ବର ସୁଦ୍ଧା ୭୬୬ ଥିବା ସ୍ଥଳେ ୧୯୮୦ ମସିହା ଶେଷ ବେଳକୁ ୮୮୨କୁ ବୃଦ୍ଧିପାଇଛି । ଏହି କ୍ଷେତ୍ରରେ ଆମର ଉଦ୍ୟମ ସବୁବେଳେ ଅତୁଟ ରହିବ ।

୬ । ମହାଶୟ, ଏହି ପୃଷ୍ଠଭୂମିରେ ବର୍ତ୍ତମାନ ମୁଁ ଚଳିତ ବର୍ଷର ସଂଶୋଧିତ ଅନୁମାନ ଏବଂ ୧୯୮୧-୮୨ ମସିହା ବଜେଟ ଅଟକଳର କେତେକ ମୁଖ୍ୟ ଦିଗ ଗୃହରେ ଉପସ୍ଥାପିତ କରିବାକୁ ଯାଉଛି ।

୭ । ଚଳିତ ବର୍ଷର ସଂଶୋଧିତ ଅଟକଳରେ ବନ୍ୟା ସାହାଯ୍ୟପାଇଁ ୪୨କୋଟି ୮୯ ଲକ୍ଷ ଟଙ୍କାର ବ୍ୟୟ ଅନ୍ତର୍ଭୁକ୍ତ କରାହୋଇଅଛି ଏବଂ ସେହି ବାବଦରେ ଭାରତ ସରକାର ରାଜ୍ୟ ସରକାରଙ୍କୁ ୩୨ କୋଟି ୧୬ ଲକ୍ଷ ଟଙ୍କା ସାହାଯ୍ୟ ମଞ୍ଜୁର କରିଅଛନ୍ତି । ନିଜ ସମ୍ବଳରୁ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାରଙ୍କ ପକ୍ଷରେ ଭରଣା କରିବା ସମ୍ଭବ ହେଉନଥିବାରୁ ଭାରତ ସରକାରଙ୍କଠାରୁ ଋଣ ସୂତ୍ରରେ ୧୦ କୋଟି ୭୩ ଲକ୍ଷ ଟଙ୍କା ଆଣିବା ପାଇଁ ଅଟକଳ କରାଯାଇଛି । ସଂଶୋଧିତ ଅଟକଳ ଅନୁଯାୟୀ ବର୍ଷଶେଷକୁ ୭ ଲକ୍ଷ ଟଙ୍କା ନଗଦ ତହବିଲ୍ ଜମା ରହିବ ଯାହାକି ଆସନ୍ତା ବର୍ଷର ପ୍ରାରମ୍ଭିକ ଜମା ହିସାବରେ ସୂଚିତ ହେବ ।

୮ । ୧୯୮୧-୮୨ ମସିହା ବଜେଟରେ ୪୦୬ କୋଟି ୫୪ ଲକ୍ଷ ଟଙ୍କାର ଅଣଯୋଜନା ରାଜସ୍ୱ ବ୍ୟୟ ହେବାର ଅଟକଳ କରାଯାଇଛି । ମିତବ୍ୟୟିତା ଅବଲମ୍ବନ ସତ୍ତ୍ୱେ କେତେକ ଅପରିହାର୍ଯ୍ୟ ଖର୍ଚ୍ଚ ଯଥା କର୍ମଚାରୀମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ୍ ବୃଦ୍ଧି ଏବଂ ରାସ୍ତାଘାଟ, ଜଳସେଚନ ଇତ୍ୟାଦି ସାଧାରଣ ସମ୍ପତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଅଧିକ ଖର୍ଚ୍ଚର ବ୍ୟବସ୍ଥା କରାଯାଇଅଛି ।

ଅଣଯୋଜନା କ୍ଷେତ୍ରରେ କେବଳ ଶିକ୍ଷା ପାଇଁ ୧୦୨ କୋଟି ୯୮ ଲକ୍ଷ ଟଙ୍କାର ଖର୍ଚ୍ଚ ବରାଦ କରାଯାଇଛି । ଆହୁରି ମଧ୍ୟ ଏହି ଦିଗରେ ସ୍ୱାସ୍ଥ୍ୟ ସେବା କାର୍ଯ୍ୟପାଇଁ ୨୭ କୋଟି ୮୫ ଲକ୍ଷ ଟଙ୍କା ଏବଂ ପୋଲିସ ବିଭାଗ ପାଇଁ ୨୭ କୋଟି ୨୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ସୁଧ ଦେୟ ନିମିତ୍ତ ୬୫ କୋଟି ୧୨ ଲକ୍ଷ ଟଙ୍କାର ବ୍ୟବସ୍ଥା ଅଛି । ସପ୍ତମ ଅର୍ଥ କମିଶନଙ୍କ ସୁପାରିଶ ଏବଂ ଭାରତ ସରକାରଙ୍କ ଅନୁମୋଦନ ଲଭ କରିଥିବାର କାର୍ଯ୍ୟକ୍ରମ ଅନୁଯାୟୀ କାରାଗାରଗୁଡ଼ିକର ଉନ୍ନତି ବିଧାନ, ଶାସନ କଳର ପୁନଃଗଠନ, ନୂତନ ବିଦ୍ୟାଳୟ ସ୍ଥାପନ ଏବଂ ପୋଲିସ ବିଭାଗର ଦୃଢ଼ୀକରଣ ନିମନ୍ତେ ୩ କୋଟି ୬୪ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି ।

୯ । ଅଣଯୋଜନା ପୁଞ୍ଜି ବ୍ୟୟ ଏବଂ ଋଣ ପରିଶୋଧ ବାବଦରେ ୧୦୦ କୋଟି ୫୪ ଲକ୍ଷ ଟଙ୍କା ଅଟକଳ କରାଯାଇଛି ।

୧୦ । ୧୯୮୧-୮୨ ବାର୍ଷିକ ଯୋଜନାର ଆକାର ୨୭୫ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ରାଜ୍ୟ ବଜେଟରେ ୨୨୬ କୋଟି ଟଙ୍କାର ବ୍ୟବସ୍ଥା ରହିଛି ଏବଂ ଅବଶିଷ୍ଟ ୪୯ କୋଟି ଟଙ୍କା ସଂଗଠିତ ପାଣ୍ଠି ବାହାରେ ସରକାରୀ ଉଦ୍ୟୋଗ ସଂସ୍ଥାମାନଙ୍କର ଖର୍ଚ୍ଚର ଅନ୍ତର୍ଭୁକ୍ତ । ଯୋଜନାର ବିଭିନ୍ନ କ୍ଷେତ୍ରରେ ନିମ୍ନମତେ ଅର୍ଥବରାଦ କରାଯାଇଅଛି ।

| | ମୋଟ ଅର୍ଥବରାଦ | ସମୁଦାୟ ଯୋଜନାର ଶତକଡ଼ା ହାର |
|---|---|---|
| (୧) କୃଷି ଓ ସମବାୟ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା | ଟ ୬୯.୩୨ କୋଟି | ୨୫.୨୦ |
| (୨) ସେଚ ଓ ଶକ୍ତି ବିକାଶ | ଟ ୧୩୯.୭୫ କୋଟି | ୫୦.୮୨ |
| (୩) ଶିଳ୍ପ ଓ ଖଣି .. | ଟ ୧୪.୦୨ କୋଟି | ୫.୧୦ |
| (୪) ପରିବହନ ଓ ଯୋଗାଯୋଗ | ଟ ୧୭.୧୬ କୋଟି | ୬.୨୪ |
| (୫) ସମାଜ ସେବା .. | ଟ ୩୨.୭୭ କୋଟି | ୧୧.୯୨ |
| (୬) ଅର୍ଥନୈତିକ ଓ ବିବିଧ ସେବା | ଟ ୧.୯୮ କୋଟି | ୦.୭୨ |
| | ଟ ୨୭୫.୦୦ କୋଟି | ୧୦୦.୦୦ |

ଏହା ବ୍ୟତୀତ ଆଦିବାସୀ ଉନ୍ନୟନ ବିଶେଷ ଯୋଜନା ପାଇଁ ୧୧ କୋଟି ୩୫ ଲକ୍ଷ ଟଙ୍କା ଏବଂ ହରିଜନମାନଙ୍କ ବିଶେଷ ଉନ୍ନତି କଳ୍ପେ ୪ କୋଟି ଟଙ୍କାର କେନ୍ଦ୍ରୀୟ ସାହାଯ୍ୟ ଆମର ଉନ୍ନୟନ ମୂଳକ ପ୍ରଚେଷ୍ଟା ତଥା ରାଜ୍ୟ ଯୋଜନାକୁ ସମୃଦ୍ଧ କରିବ । ଫଳତଃ ଆମ ରାଜ୍ୟ ଯୋଜନାର ବ୍ୟୟ ୨୯୦ କୋଟିରୁ ଅଧିକ ହେବ । ଅଧିକନ୍ତୁ ରାଜ୍ୟ ସରକାରଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାଗୁଡ଼ିକ ବାବଦରେ ମଧ୍ୟ ୬୧ କୋଟି ୯୯ ଲକ୍ଷ ଟଙ୍କା ବଜେଟରେ ବରାଦ ହୋଇଛି ।

୧୧ । ମୁଁ ବର୍ତ୍ତମାନ ଆମ ସରକାରଙ୍କ କେତେକ ମୁଖ୍ୟ କାର୍ଯ୍ୟକ୍ରମର ସଂକ୍ଷିପ୍ତ ସୂଚନା ଦେବାକୁ ଯାଉଛି ।

୧୨ । ଆମ ଅର୍ଥନୀତିରେ କୃଷିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । କୃଷିର ଉନ୍ନତିପାଇଁ ଭୂସଂସ୍କାର ଓ ଚକବନ୍ଦୀ, ସ୍ଥାନ ବିଶେଷରେ ଭିନ୍ନ ଭିନ୍ନ ଧରଣର ଫସଲର ପ୍ରଚଳନ, ଶସ୍ୟଭଣ୍ଡାର ସ୍ଥାପନ ଓ ବିକ୍ରୟ ସୁବିଧା ପ୍ରଦାନ, ମୃତ୍ତିକା ସଂରକ୍ଷଣ, ଜଳର ସମୁଚିତ ଉପଯୋଗ, ଏବଂ ଯଥା ସମୟରେ କୃଷକଙ୍କୁ କୃଷି ଉପାଦାନ ଓ ଅର୍ଥ ଯୋଗାଣ ଇତ୍ୟାଦି କାର୍ଯ୍ୟକ୍ରମ ହେଉଛି ଆମର ପ୍ରଧାନ ଆଭିମୁଖ୍ୟ । କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କର ଆର୍ଥିକ ଉନ୍ନତିକୁ ମଧ୍ୟ ଅଗ୍ରାଧିକାର ଦିଆଯାଇଅଛି । ୧୯୮୦-୮୧ ମସିହା ପାଇଁ ୬୨ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଆସନ୍ତାବର୍ଷକୁ ଏହା ୬୪ଲକ୍ଷ ଟନ୍ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମ୍ପ୍ରତି ୯.୮୪ଲକ୍ଷ ହେକ୍ଟରରେ ଅର୍ଥକରୀ ଫସଲ ହେଉଥିବା ସ୍ଥଳେ ଆସନ୍ତା ବର୍ଷକୁ ୧୧.୭୬ ଲକ୍ଷ ହେକ୍ଟରକୁ ବୃଦ୍ଧି କରାଯିବାର ପ୍ରସ୍ତାବ ଅଛି ଏବଂ ସେହିପରି ଅଧିକ ଅମଳକ୍ଷମ ଧାନ, ଗହମ ପ୍ରଭୃତି ଫସଲ ଚଳିତ ବର୍ଷ ୧୨.୪୮ ଲକ୍ଷ ହେକ୍ଟରରେ ଉତ୍ପାଦିତ ହେଉଥିବା ସ୍ଥଳେ ଆସନ୍ତା ବର୍ଷକୁ ୧୩.୯୮ ଲକ୍ଷ ହେକ୍ଟରରେ ଚାଷ କରାଯିବାର ପ୍ରସ୍ତାବ ରହିଛି । ସମବାୟ ସଂସ୍ଥା ଜରିଆରେ ଚାଷୀମାନଙ୍କୁ ଚଳିତ ବର୍ଷ ୮୫ କୋଟି ଟଙ୍କା ଋଣ ଦିଆଯାଉଥିବା ସ୍ଥଳେ ୧୯୮୧-୮୨ ମସିହା ପାଇଁ ତାହା ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରଖାଯାଇଛି ।

୧୩ । ବୈଜ୍ଞାନିକ ପଦ୍ଧତିର ଅନୁକରଣ ଏବଂ ଉନ୍ନତ ପଶୁ ଚିକିତ୍ସା ମାଧ୍ୟମରେ ଗୋସମ୍ପଦ ବୃଦ୍ଧି ସାଙ୍ଗକୁ କ୍ଷୀର, ଅଣ୍ଡା ପ୍ରଭୃତିର ଉତ୍ପାଦନ ବୃଦ୍ଧି ଆମ ପଶୁ ପାଳନ ଓ ଗୋ-ଉନ୍ନୟନ କାର୍ଯ୍ୟକ୍ରମର ଆଭିମୁଖ୍ୟ । ହିମାଙ୍କ ଗୋବୀଜ କେନ୍ଦ୍ର ସ୍ଥାପନ,

ଶଙ୍କର ଜାତୀୟ ବାଛୁରୀ ପାଳନ ନିମିତ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାହାଯ୍ୟ ପ୍ରଦାନ, ଉନ୍ନତ ଧରଣର ଘାସ ଚାଷ ପ୍ରଚଳନ, ପଶୁ ଚିକିତ୍ସାଳୟ ଓ କେନ୍ଦ୍ରଗୁଡ଼ିକର ସଂଖ୍ୟା ବୃଦ୍ଧି, କୁକୁଡ଼ା, ବତକ ଓ ମେଷ ପାଳନ କେନ୍ଦ୍ରମାନଙ୍କର ପ୍ରସାର ପ୍ରଭୃତି ପଶୁ ଉନ୍ନୟନ ଯୋଜନାର ପ୍ରଧାନ ଅଙ୍ଗ ଅଟେ ।

୧୪ । ଆର୍ଥିକ, ବୈଷୟିକ ଓ ସାମଗ୍ରିକ ସାହାଯ୍ୟ ପ୍ରଦାନକରି ମତ୍ସ୍ୟଜୀବୀମାନଙ୍କର ଧନ୍ଦାର ବିକାଶ, ସାମୁଦ୍ରିକ ମତ୍ସ୍ୟସଂଗ୍ରହ ପ୍ରଣାଳୀର ଉନ୍ନତି ବିଧାନ, ମତ୍ସ୍ୟଜୀବୀ ସମବାୟ ସମିତିର ପ୍ରସାର, ମତ୍ସ୍ୟ ଜଳାଶ୍ରୟ ଗୁଡ଼ିକର ସଂରକ୍ଷଣ, ତତ୍ ସମ୍ପର୍କୀୟ ବିଭିନ୍ନ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରଭୃତି ମତ୍ସ୍ୟଚାଷ ଉନ୍ନୟନ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ବିଶ୍ୱବ୍ୟାଙ୍କ ସହାୟତାରେ ୭ ଗୋଟି ଜିଲ୍ଲାରେ ମିଠା ଜଳାଶ୍ରୟଗୁଡ଼ିକରେ ମତ୍ସ୍ୟଚାଷ ଉନ୍ନୟନ ପରିଯୋଜନା ପ୍ରଚଳନ କରାଯାଇଛି । ମତ୍ସ୍ୟ ଯାଆଁଳ ଯୋଗାଣର ସୁବିଧା ସକାଶେ ଗୋଟିଏ 'ମତ୍ସ୍ୟ ଯାଆଁଳ ଉନ୍ନୟନ ନିଗମ' ମଧ୍ୟ ପ୍ରତିଷ୍ଠା କରାଯାଇଅଛି । ମତ୍ସ୍ୟ ଉତ୍ପାଦନ ଲକ୍ଷ୍ୟ ବର୍ତ୍ତମାନ ବାର୍ଷିକ ୭୬ ହଜାର ଟନ୍ ଥିବା ସ୍ଥଳେ ତାହାକୁ ୧୯୮୧-୮୨ ମସିହାରେ ୮୫ ହଜାର ଟନ୍‌କୁ ବୃଦ୍ଧି କରାଯାଉଅଛି ।

୧୫ । ୧୩,୪୦୦ ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି ଆମ ଜଙ୍ଗଲ ଉନ୍ନୟନ ଯୋଜନାର ପରିସର ଭୁକ୍ତ । ଗ୍ରାମାଞ୍ଚଳରେ ଜାଳେଣି କାଠ ଓ ଗୃହୋପକରଣ କାଠର ଅଭାବ ଦୂରୀକରଣ ନିମିତ୍ତ ଉପଯୋଗୀ ଚାରା ରୋପଣ ସକାଶେ ଗୋଟିଏ ସ୍ୱତନ୍ତ୍ର ଯୋଜନା ହାତକୁ ନିଆଯାଇଅଛି । ବର୍ତ୍ତମାନ ଥିବା ଜଙ୍ଗଲ ସଂପଦ ସଂରକ୍ଷଣ ସାଙ୍ଗକୁ ବୈଜ୍ଞାନିକ ପ୍ରଣାଳୀରେ ଅରଣ୍ୟ ସୃଷ୍ଟି ଓ ବୃକ୍ଷ ଛେଦନ ଆମ ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମର ଅଙ୍ଗ ବିଶେଷ ।

୧୬ । କ୍ଷୁଦ୍ର ଜଳସେଚନ ପରିକଳ୍ପନାକୁ ବାଦ୍‌ଦେଇ ମଧ୍ୟ କୃଷି, ସମବାୟ ଏବଂ ତତ୍‌ସଂପର୍କୀୟ ଆନୁସଙ୍ଗିକ କାର୍ଯ୍ୟକ୍ରମପାଇଁ ବଜେଟରେ ୫୨ କୋଟି ୩୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି ଯାହାକି ୧୯୮୦-୮୧ ବର୍ଷ ତୁଳନାରେ ପ୍ରାୟ ୧୦ କୋଟି ଟଙ୍କା ଅଧିକ ।

୧୭ । କୃଷିର ଉନ୍ନତିପାଇଁ ଜଳସେଚନ ସର୍ବାଦୌ ଆବଶ୍ୟକ । ବର୍ତ୍ତମାନ ସୁଦ୍ଧା ସୃଷ୍ଟ ହୋଇଥିବା ଜଳସେଚନ ସୁବିଧାର ପୂର୍ଣ୍ଣ ବିନିଯୋଗ, ଅସଂପୂର୍ଣ୍ଣ ସେଚ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ଆଞ୍ଚଳିକ ବୈଷମ୍ୟ

କୃଷ୍ଣୀକରଣ ଉଦ୍ଦେଶ୍ୟରେ ଆଦିବାସୀ ଓ ମରୁଡ଼ିକ୍ଲିଷ୍ଟ ଅଞ୍ଚଳଗୁଡ଼ିକୁ ପ୍ରାଧାନ୍ୟ ଦେଇ ଜଳସେଚନ ବ୍ୟାପକ କରିବା ନିମିତ୍ତ ଗୋଟିଏ ବଡ଼ ଧରଣର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୮୧-୮୨ ମସିହା ସୁଦ୍ଧା ମହାନଦୀ ତ୍ରିକୋଣଭୂମି ଜଳସେଚନ ଯୋଜନା, ସାଲନ୍ଦୀ ବୃହତ ଜଳସେଚନ ଯୋଜନା ଏବଂ ଅନ୍ୟ ୯୦ ଗୋଟି କ୍ଷୁଦ୍ର ଜଳସେଚନ ଯୋଜନାକୁ ସଂପୂର୍ଣ୍ଣ କରାଯିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ୧୯୮୦-୮୧ ବର୍ଷରେ ୩୯ ହଜାର ହେକ୍ଟର ଅଧିକା ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୧୯୮୧-୮୨ ମସିହାରେ ଆଉ ଅଧିକ ୪୨ ହଜାର ହେକ୍ଟର ଜମିକୁ ଜଳସେଚନ କରିବାର ଲକ୍ଷ୍ୟ ରଖାଯାଇଛି । ଏହା ସାଙ୍ଗକୁ ଉଠା ଜଳସେଚନ ନିଗମ ମାଧ୍ୟମରେ କରାଯାଉଥିବା ଉଠା ଜଳସେଚନ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ ହେଲେ ଏବଂ ଗ୍ରାମାଞ୍ଚଳ ପ୍ରକଳ୍ପକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ-ଦିଆଗଲେ ଅଧିକା ଜମିରେ ଜଳସେଚନର ସୁବିଧା ସମ୍ଭବ ହେବ । ୧୯୮୦-୮୧ ମସିହାରେ ଜଳସେଚନ ବାବଦରେ ୭୪ କୋଟି ୫୦ ଲକ୍ଷ ଟଙ୍କା ବଜେଟ ବ୍ୟବସ୍ଥା ଥିବା ସ୍ଥଳେ ୧୯୮୧-୮୨ ବର୍ଷ ସକାଶେ ବଜେଟରେ ୮୧ କୋଟି ୩୧ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି ।

୧୮ । ରାଜ୍ୟର ଦ୍ରୁତ ଶିଳ୍ପାୟନ ଆମ ସରକାରଙ୍କର ଅନ୍ୟତମ ଲକ୍ଷ୍ୟ । ଆମର ୧୯୮୦ ମସିହା ଘୋଷିତ ଶିଳ୍ପନୀତିରେ ଥିବା ନୂତନ ଆକର୍ଷଣୀୟ ସୁବିଧା ସମୂହ ରାଜ୍ୟର ଶିଳ୍ପ ବିକାଶ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସକ୍ଷମ ହୋଇଅଛି । ବୃହତ୍ ଓ ମଧ୍ୟମ ଶିଳ୍ପକ୍ଷେତ୍ରରେ ୧୯ ଗୋଟି ପରିଯୋଜନାର କାର୍ଯ୍ୟ ସଂପୂର୍ଣ୍ଣ କରାଯାଇ ପାରିଛି । ଶିଳ୍ପବିକାଶ ଓ ବିନିଯୋଗ ନିଗମ (IPICOL) ଜରିଆରେ ୩୧ ଗୋଟି ପରିଯୋଜନାର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ଏବଂ ୧୨୦ ଗୋଟି ନୂତନ ପରିଯୋଜନା କାର୍ଯ୍ୟକାରୀ ହେବାପାଇଁ ପ୍ରସ୍ତାବ ରହିଛି । ଶିଳ୍ପ ଉନ୍ନୟନ ନିଗମ (I. D. C.) ୨୧ ଗୋଟି ନୂତନ ପରିଯୋଜନା ପ୍ରତିଷ୍ଠା କରିବା ପାଇଁ ଗୋଟିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଗତ ଜୁନ୍ ମାସଠାରୁ ଡିସେମ୍ବର ମାସ ମଧ୍ୟରେ ୯୧୯ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରାଯାଇଅଛି ଏବଂ ୧୯୮୧-୮୨ ଆର୍ଥିକ ବର୍ଷ ମଧ୍ୟରେ ୧୯୮୦ଟି କ୍ଷୁଦ୍ର ଶିଳ୍ପ ଓ ୧୮,୫୦୦ କାରିଗରୀ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାର ଯୋଜନା ରହିଛି । ନିକଟରେ ପ୍ରତିଷ୍ଠା କରାଯାଇଥିବା ମୌଳିକ ଉପାଦାନ ଯୋଗାଣ ନିଗମ ( Infrastructural

Development Corporation) ୪୯ଟି ଶିଳ୍ପକେନ୍ଦ୍ର ନିରୂପଣ କରି ପାରିଛନ୍ତି ଯେଉଁଥିରେ କି ଶିଳ୍ପୋଦ୍ୟୋଗୀମାନଙ୍କୁ ଜମି, କାରଖାନା ଘର, ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । 'ଓଡ଼ିଶା ରାଜ୍ୟ ଅର୍ଥ ନିଗମ' (O. S. F. C.) ମଧ୍ୟ ଶିଳ୍ପ ପ୍ରତିଷ୍ଠାପାଇଁ ନିଜର କାର୍ଯ୍ୟ ପରିସର ସଂପ୍ରସାରଣ କରିବା ସଙ୍ଗେ ସଙ୍ଗେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସକାଶେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରୁଅଛନ୍ତି ।

୧୯ । ଗ୍ରାମ୍ୟ ଶିଳ୍ପର ଅଭିବୃଦ୍ଧି ଓ ଗ୍ରାମ୍ୟ କାରିଗର ମାନଙ୍କର ଉନ୍ନତି କଳ୍ପେ ହସ୍ତତନ୍ତ, ରେଶମ ଓ ହସ୍ତଶିଳ୍ପକୁ ବିଶେଷ ଅଗ୍ରାଧିକାର ଦିଆଯାଇଅଛି ।

୨୦ । ଖଣିଜ ଦ୍ରବ୍ୟର ସବିଶେଷ ଅନୁସନ୍ଧାନ କରାଯିବା ଫଳରେ ରାଜ୍ୟରେ ମହଜୁଦ ଥିବା ବକ୍ସାଇଟ୍, କ୍ରୋମାଇଟ୍, ଚୂନ ପଥର ଓ କୋଇଲର ପୂର୍ବଜ୍ଞାତ ପରିମାଣ ଯଥେଷ୍ଟ ଅଧିକ ବୋଲି ଜଣାପଡ଼ିଛି । ତେଣୁ ରାଜ୍ୟରେ ଖଣିଜ ଦ୍ରବ୍ୟର ଉତ୍ତୋଳନ ଓ ଖଣିଜ ଶିଳ୍ପର ବିକାଶ କ୍ଷେତ୍ରରେ ବିସ୍ତୃତ ଅଭିବୃଦ୍ଧି ଘଟି ପାରିବ । 'ଓଡ଼ିଶା ଖଣି ନିଗମ' ମଧ୍ୟ ୧୯୮୧-୮୨ ମସିହାରେ ତାଙ୍କର କାର୍ଯ୍ୟ ପରିସର ବୃଦ୍ଧି କରିବାର ଯୋଜନା ରଖିଛନ୍ତି ।

୨୧ । ଶିଳ୍ପ ଓ ଖଣି ଉନ୍ନୟନ କ୍ଷେତ୍ରରେ ଯୋଜନା ବ୍ୟୟ ଚଳିତ ବର୍ଷରେ ୧୨କୋଟି ୧୮ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୮୧-୮୨ ମସିହାରେ ତାହାକୁ ୧୪କୋଟି ୨ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଅଛି ।

୨୨ । ବିଦ୍ୟୁତଶକ୍ତି ହେଉଛି ଶିଳ୍ପ ବିକାଶର ଋବି କାଠି । ଆମ ରାଜ୍ୟରେ ଥିବା ବିଦ୍ୟୁତ୍‌ଶକ୍ତିର ପ୍ରଚୁର ସାମର୍ଥ୍ୟ ଦୀର୍ଘକାଳ ଧରି ବିନିଯୋଗ ହୋଇପାରି ନାହିଁ । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ସଂପ୍ରସାରଣ ଏବଂ ରେଙ୍ଗାଳୀ, ଉପର କୋଲାବ ଓ ଉପର ଇନ୍ଦ୍ରାବତୀ ପରିଯୋଜନା ଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ବିଦ୍ୟୁତ୍ ଉତ୍ପାଦନର ବର୍ତ୍ତମାନର ସାମର୍ଥ୍ୟ ୯୧୪ ମେଗାଓ୍ୱାଟ୍‌ରୁ ୨୦୭୪ ମେଗାଓ୍ୱାଟ୍‌କୁ ବୃଦ୍ଧି ପାଇବ । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରଥମ ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ୧୯୮୧ ମସିହା ଡିସେମ୍ବର ସୁଦ୍ଧା ସଂପୂର୍ଣ୍ଣ ହେବାର ଆଶା କରାଯାଏ । ୧୯୮୧-୮୨ ବର୍ଷ ମଧ୍ୟରେ ୧୦୦୦ଟି ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବାପାଇଁ

ଏକ କାର୍ଯ୍ୟକ୍ରମ ରଖାଯାଇଛି । ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ ଦିଗରେ ୧୯୮୧-୮୨ ବଜେଟରେ, ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ର କାର୍ଯ୍ୟକ୍ରମ ବାବଦ ୪୪ କୋଟି ୬୫ଲକ୍ଷ ଟଙ୍କାକୁ ମିଶାଇ ମୋଟରେ ୭୫କୋଟି ୪୪ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

୨୩ । ଜନ ସାମର୍ଥ୍ୟର ବିକାଶ ଉଦ୍ଦେଶ୍ୟରେ ଆମର ଉନ୍ନୟନ ଯୋଜନା ଗୁଡ଼ିକ ମଧ୍ୟରେ ଶିକ୍ଷାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଉଅଛି । ପ୍ରାଥମିକ ଶିକ୍ଷା ପାଇଁ ସୁବିଧା ସୁଯୋଗର ପ୍ରସାର ଏବଂ ଛାତ୍ରଛାତ୍ରୀମାନେ ଅଧ୍ୟୟନ ଛାଡ଼ି ନଯିବା ଦିଗରେ ବ୍ୟବସ୍ଥା କରିବା ଆମ ଶିକ୍ଷା ଯୋଜନାର ମୂଳ ଲକ୍ଷ୍ୟ । ମାଧ୍ୟମିକ ଓ ଉଚ୍ଚ ଶିକ୍ଷାର ଉନ୍ନତି ଓ ପ୍ରସାର ଦିଗରେ ମଧ୍ୟ ଯଥେଷ୍ଟ ଦୃଷ୍ଟି ଦିଆ ଯାଉଅଛି । ୩୦୦ ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲିବା, ୧୫୦ଟି ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରକୁ ଏବଂ ୧୦୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମାଧ୍ୟମିକ ବିଦ୍ୟାଳୟ ସ୍ତରକୁ ଉନ୍ନୀତ କରିବା ପାଇଁ ବଜେଟରେ ବ୍ୟବସ୍ଥା ରହିଛି । ଆଦିବାସୀ ଅଞ୍ଚଳର ପିଲମାନଙ୍କର ଶିକ୍ଷାର ସୁବିଧା ପାଇଁ ୧୧୮ ଗୋଟି ଆବାସୀ ବିଦ୍ୟାଳୟ ଖୋଲିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଛାତ୍ରାବାସ ନିର୍ମାଣ କରିବାକୁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏତଦ୍‌ବ୍ୟତୀତ ବିଧିବଦ୍ଧ ଭାବରେ ବିଦ୍ୟାଳୟରେ ପଢ଼ିପାରିନଥିବା ମଫସଲିଆ ଶ୍ରେଣୀର ଲୋକଙ୍କୁ ଶିକ୍ଷାର ସୁବିଧା ଦେବା ଉଦ୍ଦେଶ୍ୟରେ ୨,୮୦୦ଟି ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଖୋଲାଯିବାର ପ୍ରସ୍ତାବ ଅଛି । ମାଧ୍ୟମିକ ଓ ଉଚ୍ଚଶିକ୍ଷାର ପ୍ରସାର ପାଇଁ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଦେଶରେ ବୈଷୟିକ ଶିକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କର ଚାହିଦା ମେଣ୍ଟା-ଇବା ଉଦ୍ଦେଶ୍ୟରେ ବୈଷୟିକ ଶିକ୍ଷାର ପ୍ରସାର ପ୍ରତି ମଧ୍ୟ ବଜେଟରେ ବିଶେଷ ଧ୍ୟାନ ଦିଆଯାଇଛି । ଶିକ୍ଷା ପାଇଁ ରାଜ୍ୟ ଯୋଜନା କାର୍ଯ୍ୟକ୍ରମରେ ୮ କୋଟି ୭୮ ଲକ୍ଷ ଟଙ୍କା ଏବଂ ଅଣ ଯୋଜନା କାର୍ଯ୍ୟକ୍ରମରେ ୧୦୨ କୋଟି ୯୮ ଲକ୍ଷ ଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଅଛି ।

୨୪ । ଜନସ୍ୱାସ୍ଥ୍ୟ ସୁବିଧାର ଉନ୍ନତି ବିଧାନ, ପରିବାର କଲ୍ୟାଣ ଏବଂ ସଂକ୍ରା-ମକ ରୋଗର ନିରାକରଣ ଆମ ସ୍ୱାସ୍ଥ୍ୟ ଓ ଚିକିତ୍ସା କାର୍ଯ୍ୟକ୍ରମର ପ୍ରଧାନ ଅଭିମୁଖ୍ୟ । ରାଜ୍ୟର ପଲ୍ଲୀ ତଥା ଆଦିବାସୀ ଅଞ୍ଚଳରେ ଚିକିତ୍ସାର ପ୍ରସାର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ମାତୃମଙ୍ଗଳ, ଶିଶୁ ଓ ପରିବାର କଲ୍ୟାଣ ଦିଗରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ବିଧାନ କଳ୍ପେ ପାଞ୍ଚୋଟି ନିରୂପିତ ଜିଲ୍ଲାର ଗ୍ରାମାଞ୍ଚଳମାନଙ୍କରେ ସ୍ୱାସ୍ଥ୍ୟ ଏବଂ ଚିକି-ତ୍ସାର ମୌଳିକ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ପାଇଁ ଏକ ବୃହତ ଯୋଜନା ହାତକୁ

ନିଆ ଯାଇଛି ଏବଂ ସେଥିନିମନ୍ତେ ୧୯୮୧–୮୨ ମସିହା ବଜେଟରେ ୬ କୋଟି ୫୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ହସ୍ପିଟାଲ୍ ଓ ଚିକିତ୍ସାଳୟ ଗୁଡ଼ିକର ଯନ୍ତ୍ରପାତି, ଔଷଧ ଏବଂ କର୍ମଚାରୀ ଅଭାବ ଦୂର କରିବା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଅଛି । ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ ସେବା ସାହାଯ୍ୟକାରୀ ଶ୍ରେଣୀର କର୍ମଚାରୀ ଅଭାବ ଦୃଷ୍ଟେ ଧାଈ, ନର୍ସ ଓ ଲାବୋରେଟରୀ ଟେକ୍‌ନିସିଆନ୍‌ମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବାର ବ୍ୟବସ୍ଥା କରଯାଇଛି । ଦେଶଜ ଓ ହୋମିଓପାଥିକ ଚିକିତ୍ସାର ସଂପ୍ରସାରଣ ଓ ଅଭିବୃଦ୍ଧି ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି । ବ୍ରିଟିଶ୍ ସହାୟତାରେ ପ୍ରବର୍ତ୍ତିତ କାର୍ଯ୍ୟକ୍ରମକୁ ମିଶାଇ ସ୍ୱାସ୍ଥ୍ୟ ଓ ଚିକିତ୍ସା କ୍ଷେତ୍ରରେ ୧୯୮୧-୮୨ ମସିହା ପାଇଁ ବଜେଟରେ ୧୩ କୋଟି ୬୦ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି ।

୨୫ । ଆମ ଲୋକସଂଖ୍ୟାର ଏକ ବିଶେଷ ଭାଗ ହେଉଛନ୍ତି ଆଦିବାସୀ ଓ ହରିଜନ । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ଶିକ୍ଷା ମାଧ୍ୟମରେ ସେମାନଙ୍କୁ ତାଙ୍କରି ଅଧିକାର ଏବଂ ସାମାଜିକ ଦାୟିତ୍ୱ ବୋଧ ପ୍ରତି ସଚେତନ କରିବା ଏବଂ ସେମାନଙ୍କର ଜୀବନ ଧାରଣର ମାନ ବଢ଼ାଇବା ପାଇଁ ସେମାନଙ୍କୁ ଉପଯୁକ୍ତ ସ୍ଥାୟୀ ଧନ୍ଦା ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ପାଇଁ ବିଦ୍ୟାଳୟ, ବୃତ୍ତି ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଅଧିକତର କରିବାକୁ ବଜେଟରେ ଅର୍ଥ ବ୍ୟବସ୍ଥାକୁ ଆଶାନୁରୂପ ବୃଦ୍ଧି କରାଯାଇଅଛି । ସମନ୍ୱିତ ଆଦିବାସୀ ଉନ୍ନୟନ ପରିଯୋଜନା, ହରିଜନମାନଙ୍କ ପାଇଁ ଉଦ୍ଦିଷ୍ଟ ବିଶେଷ ପରିକଳ୍ପନା, ପରିବର୍ତ୍ତିତ ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକ୍ରମ, ଆଦିମ ଅଧିବାସୀ ମାନଙ୍କ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତିକୁ କ୍ଷିପ୍ରତର କରିବା ପାଇଁ ଅନେକ ଗୁଡ଼ିଏ ବିକାଶ ମୂଳକ ପରିକଳ୍ପନା କାର୍ଯ୍ୟକାରୀ ହେଉଅଛି । ହରିଜନ ମାନଙ୍କର ଆର୍ଥିକ ଅବସ୍ଥାର ଦ୍ରୁତ ଉନ୍ନତି ନିମନ୍ତେ 'ହରିଜନ ଅର୍ଥ ନିଗମକୁ' ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଅଛି । ଆଦିବାସୀ ଅଞ୍ଚଳ ଉପଯୋଜନା ଓ ହରିଜନ କଲ୍ୟାଣ ପାଇଁ ୧୯୮୦-୮୧ ମସିହାରେ ୯୨ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବା ସ୍ଥଳେ ୧୯୮୧-୮୨ ମସିହା ବଜେଟରେ ୧୦୮ କୋଟି ୧୩ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଅଛି ।

୨୬ । ଆମ ଖାଦ୍ୟ ନୀତି, ସମବାୟ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିନିଯୋଗ କରି, ଉଚିତ ମୂଲ୍ୟ ଦୋକାନଗୁଡ଼ିକ ଜରିଆରେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ

ଓ ବଣ୍ଟନ ଉପରେ ଆଧାରିତ ହୋଇଛି । ସାଧାରଣ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାକୁ ସଂଗଠିତ ଓ ସୁବ୍ୟବସ୍ଥିତ କରିବା ଦିଗରେ ପଦକ୍ଷେପ ମାନ ନିଆଯାଇଛି । ବିଶେଷକରି ସମବାୟ ସଂସ୍ଥା ମାଧ୍ୟମରେ ଅଧିକ ସଂଖ୍ୟକ ସୁଲଭ ମୂଲ୍ୟର ଦୋକାନମାନ ଖୋଲି ଗ୍ରାମବାସୀଙ୍କୁ ଉଚିତ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାର କାର୍ଯ୍ୟକ୍ରମ ରଖା ଯାଇଅଛି । ନିକଟରେ ଗଢ଼ା ଯାଇଥିବା 'ଓଡ଼ିଶା ରାଜ୍ୟ ସିଭିଲ୍ ସପ୍ଲାଇ ନିଗମ' ଖାଦ୍ୟଶସ୍ୟ ସଂଗ୍ରହ ଓ ଅତ୍ୟାବଶ୍ୟକ ଦ୍ରବ୍ୟର ବଣ୍ଟନ ଭାର ଗ୍ରହଣ କରିଛନ୍ତି । ସାଧାରଣ ବଣ୍ଟନ ଓ ଭବିଷ୍ୟତ ପାଇଁ ମହଜୁଦ୍ କରି ରଖିବା ଉଦ୍ଦେଶ୍ୟରେ 'ରାଜ୍ୟ ସିଭିଲ ସପ୍ଲାଇ ନିଗମ' ଚଳିତ ବର୍ଷ ଦୁଇ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରିବାର ଲକ୍ଷ୍ୟ ରଖିଅଛନ୍ତି । କୃଷକ ମାନଙ୍କର ସ୍ୱାର୍ଥରକ୍ଷା ପାଇଁ ସମବାୟ ଅନୁଷ୍ଠାନମାନଙ୍କୁ ମଧ୍ୟ ଯଥେଷ୍ଟ ଦାୟିତ୍ୱ ଦିଆଯାଇଛି । ଖାଦ୍ୟ ଶସ୍ୟ ସଂଗ୍ରହ ଓ ଅତ୍ୟାବଶ୍ୟକୀୟ ଦ୍ରବ୍ୟଗୁଡ଼ିକୁ ସ୍ଥିର ଓ ଉଚିତ ମୂଲ୍ୟରେ ଯୋଗାଇ ଦେବାରେ ସର୍ବସାଧାରଣ ସଂସ୍ଥାଗୁଡ଼ିକ ଯେପରି ଭାଗୀଦାର ହେବେ ସେଥିପାଇଁ ଆମେ ପ୍ରଚେଷ୍ଟା ଚଳାଇଛୁ ।

୨୭ । ହରିଜନ ଓ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ଘରଡ଼ିହ ଓ ଗୃହ ଯୋଗାଣ ଆମ ଯୋଜନାରେ ପୂର୍ବପରି ଅଗ୍ରାଧିକାର ପାଇବ । ଗତ ବନ୍ୟାରେ ଗୃହହୀନ ହୋଇ ପଡ଼ିଥିବା ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କର ସୁବିଧା ପାଇଁ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ତିରିଶ ହଜାର ଗୃହ ନିର୍ମାଣ କରିବାର ଏକ ବୃହତ ଯୋଜନା ହାତକୁ ନେଇଛନ୍ତି । 'କେନ୍ଦ୍ରୀୟ ଗୃହ ନିର୍ମାଣ ଓ ପୌର ଉନ୍ନୟନ ନିଗମ' ଠାରୁ ଆବଶ୍ୟକୀୟ ଋଣ ପାଇବା ପାଇଁ ଦରକାର ପଡୁଥିବା ମୂଳ ଅର୍ଥ ପୂରାମାତ୍ରାରେ ସରକାର ଯୋଗାଇ ଦେବାର ବ୍ୟବସ୍ଥା କରିଅଛନ୍ତି । ଗୃହ ନିର୍ମାଣ କରି ଭୂମିହୀନ ଶ୍ରମିକ ମାନଙ୍କ ମଧ୍ୟରେ ସେ ସବୁକୁ ବଣ୍ଟନ କରିବାର କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରା ଯାଇଅଛି । ବାସ ଗୃହ ଗୁଡ଼ିକର ଉନ୍ନତି ବିଧାନ ସକାଶେ ନିମ୍ନ ଓ ମଧ୍ୟ ଆୟକାରୀ ବ୍ୟକ୍ତିବିଶେଷଙ୍କୁ ଏବଂ ଗ୍ରାମ୍ୟ ଗୃହନିର୍ମାଣ ଯୋଜନା ଜରିଆରେ ଗ୍ରାମବାସୀଙ୍କୁ ସାହାଯ୍ୟ କରିବାର ବ୍ୟବସ୍ଥା ଚାଲୁ ରଖାଯାଇଛି । ସହରାଞ୍ଚଳ ମାନଙ୍କରେ ବାସଗୃହ ନିର୍ମାଣ ପାଇଁ ବୃହତ ଯୋଜନାମାନ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ 'ଉନ୍ନୟନ ନ୍ୟାସ' ( Improvement Trust ) ଗୁଡ଼ିକୁ କ୍ରିୟାଶୀଳ କରାଯାଇଅଛି ।

୨୮ । ଏକ ଯଥାର୍ଥ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମଗ୍ର ରାଜ୍ୟବାସୀଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଆସନ୍ତା ବର୍ଷ ଗ୍ରାମାଞ୍ଚଳ ମାନଙ୍କରେ ୫୪୦୦ ନଳକୂପ ଖନନ ଏବଂ ୧୪୦୦ ପକ୍କା କୂଅ ନିର୍ମାଣ କରିବାପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି । ସହରାଞ୍ଚଳ ପାଇଁ କାର୍ଯ୍ୟକାରୀ ହେଉଥିବା ୨୩ ଗୋଟି ସୁରକ୍ଷିତ ପାନୀୟ ଜଳ ଯୋଗାଣ ଯୋଜନା ମଧ୍ୟରୁ ୮ଟିକୁ ସଂପୂର୍ଣ୍ଣ କରାଯିବ ଏବଂ ଆଉ ୭ଟି ନୂଆ ଯୋଜନାକୁ ହାତକୁ ନିଆଯିବ । ରାଜ୍ୟରେ ପାନୀୟ ଜଳ ଯୋଗାଣ ପାଇଁ ୧୯୮୦-୮୧ ବର୍ଷରେ ୭କୋଟି ୭୫ ଲକ୍ଷ ଟଙ୍କା ଥିବା ସ୍ଥଳେ ଆସନ୍ତା ବର୍ଷ ପାଇଁ ୮କୋଟି ୨୫ ଲକ୍ଷ ଟଙ୍କା ବଜେଟରେ ବ୍ୟବସ୍ଥା ହୋଇଛି । 'ଆନ୍ତର୍ଜାତିକ-ଜଳଯୋଗାଣ-ଦଶନ୍ଧି' କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ସଂସ୍ଥାମାନଙ୍କ ଠାରୁ ଆଶା-କରାଯାଉଥିବା ସାହାଯ୍ୟ ମିଳିବାପରେ ଜଳଯୋଗାଣର ବ୍ୟୟ ଅଟକଳ ଆହୁରି ବୃଦ୍ଧି ପାଇବ ।

୨୯ । ପରିବହନ ଓ ଯୋଗାଯୋଗ ହେଉଛି ଦେଶର ଅର୍ଥନୈତିକ ଅଭିବୃଦ୍ଧିର ଅନ୍ୟତମ ମୂଳ ଉପାଦାନ । ଏଣୁ ଏହି କ୍ଷେତ୍ରରେ ଥିବା ଅସୁବିଧାଗୁଡ଼ିକର ଦୂରୀକରଣ ନିମନ୍ତେ ଆମେ ବଦ୍ଧପରିକର । କୋରାପୁଟ-ରାୟଗଡ଼ା ରେଳରାସ୍ତା ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ଅନ୍ତର୍ଭୁକ୍ତ ହୋଇସାରିଛି । ତାଳଚେର-ସମ୍ବଲପୁର ଏବଂ ଜଖପୁରା-ବାଂଶପାଣି ରେଲରାସ୍ତା ନିର୍ମାଣ ପାଇଁ ମଧ୍ୟ ଆମର ଉଦ୍ୟମ ଅବ୍ୟାହତ ରହିଛି ।

୩୦ । ସଡ଼କ ଉନ୍ନୟନ କ୍ଷେତ୍ରରେ ଅସଂପୂର୍ଣ୍ଣ ରାସ୍ତାଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ୧୫୦୦ ବା ତଦୂର୍ଦ୍ଧ୍ୱ ଲୋକ ସଂଖ୍ୟା ବିଶିଷ୍ଟ ଗ୍ରାମ ତଥା ପଲ୍ଲୀ ପୁଞ୍ଜଗୁଡ଼ିକୁ ସବୁଦିନିଆ ରାସ୍ତାଦ୍ୱାରା ସଂଯୋଗ କରିବା ଆମର ଲକ୍ଷ୍ୟ । ୧୯୮୧-୮୨ ଆର୍ଥିକ ବର୍ଷରେ ନ୍ୟୁନତମ ଆବଶ୍ୟକତା କାର୍ଯ୍ୟକ୍ରମ (M. N. P.) ଜରିଆରେ ୨୫୨ଟି ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଉଛି । ୧୮୫ କିଲୋମିଟର ପ୍ରଧାନ ରାସ୍ତା ଏବଂ ୭୦୫ କିଲୋମିଟର ଗ୍ରାମ୍ୟ ସଡ଼କର ମଧ୍ୟ ଉନ୍ନତି ବିଧାନ କରାଯିବାର ଯୋଜନା ଅଛି । ୧୪ଟି ବୃହତ ସେତୁ ସାଙ୍ଗକୁ ୨୩ ଗୋଟି ଛୋଟ ଛୋଟ ଶଙ୍କ ଓ ପୋଲର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ।

୩୧ । ଜନ ସାଧାରଣଙ୍କର ଗମନାଗମନ ସୁବିଧା ଦୃଷ୍ଟିରୁ 'ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ'ର ଯୋଜନା-ପୁଞ୍ଜି-ବିନିଯୋଗକୁ ଉଲ୍ଲେଖଯୋଗ୍ୟ ଭାବରେ

ବୃଦ୍ଧି କରାଯାଇଅଛି । ଫଳତଃ ଉକ୍ତ ନିଗମ ଅଧିକା ୨୦୦ଟି ନୂଆ ବସ୍ ଚଳାଚଳ କରିବାରେ ସମର୍ଥ ହେବ । କ୍ଷୁଦ୍ର ବନ୍ଦର ନିର୍ମାଣ ସାଙ୍ଗକୁ ଅନ୍ତର୍ଦେଶୀୟ ଜଳପଥ ପରିବହନ ସୁବିଧାର ବିକାଶ କରିବାପାଇଁ ମଧ୍ୟ ପ୍ରସ୍ତାବ ଅଛି । ଚଳିତ ବର୍ଷ ବଜେଟରେ ପରିବହନ ଓ ଗମନାଗମନ ବାବଦରେ ରାଜ୍ୟର ଯୋଜନା ବ୍ୟୟ ୧୩ କୋଟି ୭୧ ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୮୧-୮୨ ମସିହାପାଇଁ ଏହାକୁ ୧୬ କୋଟି ୧୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଅଛି ।

୩୨ । ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ପ୍ରଚୁର ସୁଯୋଗ ଥିବା ଦୃଷ୍ଟିରୁ ପର୍ଯ୍ୟଟନ ଉନ୍ନୟନକୁ ସମୁଚିତ ସ୍ଥାନ ଦିଆଯାଇଅଛି । ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ଯାତାୟତର ଅଧିକ ସୁବିଧା ଯୋଗାଇଦେବା ସଙ୍ଗେ ସଙ୍ଗେ ସେ ସ୍ଥାନମାନଙ୍କରେ ପର୍ଯ୍ୟଟକମାନଙ୍କପାଇଁ ବିଶ୍ରାମାଗାର, ଭୋଜନାଳୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଅଛି । ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଚଳିତ ବର୍ଷ ବଜେଟରେ ୬୦ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ୧୯୮୧-୮୨ ବର୍ଷପାଇଁ ତାହା ୧୦୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

୩୩ । ଶ୍ରମିକମାନଙ୍କର କଲ୍ୟାଣ ଓ ସ୍ୱାର୍ଥରକ୍ଷା ଦିଗରେ ଆମର ଉଦ୍ୟମ ଅବ୍ୟାହତ ରହିବ । ଶ୍ରମିକମାନଙ୍କୁ ମଜୁରୀ ଏବଂ କ୍ଷତିପୂରଣ ଯଥା ସମୟରେ ଦେବା ଏବଂ ଶିଳ୍ପ କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ବାତାବରଣ ଫେରାଇ ଆଣିବା ଦିଗରେ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଗୋତି ପ୍ରଥାର ଉଚ୍ଛେଦ ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ସର୍ବନିମ୍ନ ମଜୁରୀ ବୃଦ୍ଧି କରାଯାଇଛି ଏବଂ ଅଧିକ ସଂଖ୍ୟକ ଶ୍ରମିକଙ୍କୁ 'କର୍ମଚାରୀ ବୀମା ଯୋଜନା'ର ପରିସରଭୁକ୍ତ କରାଯାଇଛି । ଆଶା କରାଯାଉଛି ଯେ ଏଣିକି ଶ୍ରମିକମାନେ ସେମାନଙ୍କ ସାମାଜିକ ଓ ନୈତିକ ଦାୟିତ୍ୱ ତୁଲାଇବାରେ ଆଗ୍ରହ ପ୍ରକାଶ କରିବେ ।

୩୪ । ଫଳପ୍ରସୂ କର୍ମନିଯୁକ୍ତି ପାଇଁ ସୁଯୋଗର ଅଭାବ ଆମ ଦେଶର ବେକାର ସମସ୍ୟାର ମୁଖ୍ୟ କାରଣ । ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭ କାଳରେ ଓଡ଼ିଶାରେ ବେକାରଙ୍କ ସଂଖ୍ୟା ୨୨ ଲକ୍ଷ ୬୦ ହଜାର ଥିବାର ଅନୁମାନ କରାଯାଇଥିଲା । ସକ୍ଷମ ବେକାର ଯୁବକମାନଙ୍କୁ କର୍ମ ଯୋଗାଣର ସୁଯୋଗ ଦେବା ସଙ୍ଗେ ସଙ୍ଗେ ଅଦ୍ୟାବଧି ବେକାର ଥିବା ଲୋକମାନଙ୍କର ସଂଖ୍ୟା ହ୍ରାସ କରିବା ପାଇଁ ଆମେ ପ୍ରଗାଢ଼ ଉଦ୍ୟମ

କରୁଛନ୍ତି । ଏହା ଏଭଳି ଏକ ଗୁରୁତର ସମସ୍ୟା ଯେ କେବଳ ମଜୁରିଭିତ୍ତିକ କର୍ମ ଯୋଗାଣ ଦ୍ୱାରା ଏ ସମସ୍ୟାର ଉଲ୍ଲେଖନୀୟ ସମାଧାନ କରିବା ସମ୍ଭବପର ନୁହେଁ । ତେଣୁ ଆତ୍ମନିଯୁକ୍ତି ସୁଯୋଗର ସଂପ୍ରସାରଣ ପାଇଁ ନିଶ୍ଚିତ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ । ଗ୍ରାମାଞ୍ଚଳରେ ଧାରାବାହିକ ଭାବରେ ଉପଯୁକ୍ତ କର୍ମ ନିଯୁକ୍ତି ଓ ପାରିଶ୍ରମିକ ପାଉ ନ ଥିବା ଦରିଦ୍ର ଲୋକମାନଙ୍କ ଅବସ୍ଥା ସୁଧାରିବା ଲାଗି 'ଜାତୀୟ ଗ୍ରାମାଞ୍ଚଳ କର୍ମଯୋଗାଣ' କାର୍ଯ୍ୟକ୍ରମକୁ ଜୋର୍‌ସୋର୍‌ରେ କାର୍ଯ୍ୟକାରୀ କରାଯିବ । ଠିକାଦାର ଓ ମଧ୍ୟସ୍ଥିଭାବେ ଲାଭ ଉଠାଉଥିବା ଲୋକମାନଙ୍କୁ ଅପସାରିତ କରି ଶ୍ରମଜୀବୀମାନଙ୍କୁ ସିଧାସଳଖ ଲାଭବାନ କରାଇବା ଏହି ଯୋଜନାର ଲକ୍ଷ୍ୟ ।

୩୫ । ସାମାଜିକ ନ୍ୟାୟ ଉପରେ ପ୍ରତିଷ୍ଠିତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆମେ ଗ୍ରହଣ କରିଥିବା ନୀତିର ଏକ ବିଶେଷ ଦିଗ ହେଲା ଦରିଦ୍ର ଓ ଅବହେଳିତ ବ୍ୟକ୍ତିକୁ ସିଧାସଳଖ ଭାବେ କୌଣସି ଗୋଟିଏ ଉପଯୁକ୍ତ ଲାଭଜନକ ଧନ୍ଦା ଯୋଗାଇ ଦେବା । ଗ୍ରାମାଞ୍ଚଳର ଦରିଦ୍ରତମ ଲୋକମାନଙ୍କର ଅର୍ଥନୈତିକ ଥଇଥାନ ଉଦ୍ଦେଶ୍ୟରେ ପ୍ରତି ଗ୍ରାମରେ ୧୦ଟି କରି ଦରିଦ୍ରତମ ପରିବାରକୁ ଦୃଢ଼ ଆର୍ଥିକ ଭିତ୍ତିରେ ଅବସ୍ଥାପିତ କରିବା ହେଲା ବର୍ତ୍ତମାନ ଆମର ପ୍ରଧାନ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୯୮୦-୮୧ ଆର୍ଥିକ ବର୍ଷରେ ୨୮,୦୦୦ ପରିବାରଙ୍କୁ ଏବଂ ୧୯୮୧-୮୨ ବର୍ଷରେ ଆଉ ଅଧିକା ୫୦,୦୦୦ ପରିବାରଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରାଯାଇଛି । ଏହି ଉଦ୍ଦେଶ୍ୟରେ ଆସନ୍ତା ବର୍ଷ ବଜେଟରେ ୯ କୋଟି ୬୮ ଲକ୍ଷ ଟଙ୍କା ରଖାଯାଇଛି ।

୩୬ । ରାଜ୍ୟର ଅନ୍ୟାନ୍ୟ ଖର୍ଚ୍ଚ ସମେତ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ୧୯୮୧-୮୨ ମସିହାରେ ସଙ୍ଗଠିତ ପାଣ୍ଠିରୁ ୮୧୦ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ହେବ । ଏହି ବ୍ୟୟ ଭରଣା ନିମନ୍ତେ ରାଜ୍ୟର ଟିକସ ଓ ଅଣଟିକସ ରାଜସ୍ୱରୁ ବର୍ତ୍ତମାନ ହାରରେ ୨୧୭ କୋଟି ୫୪ ଲକ୍ଷ ଟଙ୍କା ମିଳିବ ବୋଲି ଅନୁମାନ କରାଯାଇ-ଅଛି । ଭାରତ ସରକାରଙ୍କଠାରୁ ଅନୁଦାନ, ଟିକସର ଅଂଶ ଏବଂ ଋଣ ବାବଦକୁ ୪୫୯ କୋଟି ୧୯ ଲକ୍ଷ ଟଙ୍କା ମିଳିବ । ଖୋଲା ବଜାର, ରିଜର୍ଭ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ, ଜୀବନ ବୀମା ନିଗମ ଓ ଅନ୍ୟମାନଙ୍କଠାରୁ ଋଣ ସମେତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଋଣ ଓ ଅଗ୍ରୀମର ଆଦାୟ ବାବଦରେ ୯୦ କୋଟି ୯୨ ଲକ୍ଷ ଟଙ୍କା ମିଳିବ ବୋଲି ଅଟକଳ କରାଯାଇଛି । 'ପବ୍ଲିକ ଏକାଉଣ୍ଟ'ରୁ ୧୯ କୋଟି ୯୭

ଲକ୍ଷ ଟଙ୍କା ବଳକା ହେବ । ଏହି ସବୁ ବଜେଟ ସମ୍ବଳ ମିଶି ୭୮୭ କୋଟି ୬୨ ଲକ୍ଷ ଟଙ୍କା ହେବ । 'ସଙ୍ଗଠିତ ପାଣ୍ଠି'ରେ ଦେଖା ଦେଇଥିବା ୨୨ କୋଟି ୯୮ ଲକ୍ଷ ଟଙ୍କାର ନିଅଣ୍ଟ ଏବଂ ସରକାରୀ ସାଧାରଣ ସଂସ୍ଥାଗୁଡ଼ିକର ୭ କୋଟି ଟଙ୍କାର ନିଅଣ୍ଟକୁ ଭରଣା କରିବା ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହର ଆବଶ୍ୟକତା ରହିଛି ।

୩୭ । ମହାଶୟ, ଆମ ରାଜ୍ୟର ଅଧିକାଂଶ ଜନସାଧାରଣ ଦାରିଦ୍ର୍ୟର ସୀମାରେଖା ତଳେ ପଡ଼ି ରହିଥିବା ହେତୁ ଯୋଜନା ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହ ଏକ ଦୁରୂହ ବ୍ୟାପାର । ଲୋକମାନଙ୍କର ଆୟର ସ୍ତର ଅତି ନିମ୍ନରେ ଥିବାରୁ ରାଜ୍ୟରେ ଟିକସ ବୃଦ୍ଧିର ଭିତ୍ତିଭୂମି ଅତି ମାତ୍ରାରେ ସୀମିତ । ତେଣୁ ଅଣ-ଟିକସ ବ୍ୟବସ୍ଥାରୁ ଅଧିକ ସମ୍ବଳ ସଂଗ୍ରହ କରିବା ଆମର ପ୍ରଧାନ ଅବଲମ୍ବନ ହେବ ।

୩୮ । ଛୋଟ ବ୍ୟବସାୟୀମାନଙ୍କ ହିତ ଦୃଷ୍ଟିରୁ ବିକ୍ରିକର ପାଇଁ ନିର୍ଦ୍ଧାରିତ ହୋଇଥିବା ବାଧ୍ୟତାମୂଳକ ନିବନ୍ଧନ ସୀମାକୁ ୨୫,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କାକୁ ବଢ଼ାଇ ଦିଆଯାଇ ବିକ୍ରିକର ଆଇନକୁ କୋହଳ କରିବାର ନିଷ୍ପତ୍ତି ନିଆଯାଇଛି । ଏହା ଫଳରେ ପ୍ରାୟ ୪,୮୦୦ ପର୍ଯ୍ୟନ୍ତ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହେବେ । ଓଡ଼ିଶାରେ ଉତ୍ପାଦିତ ଦ୍ରବ୍ୟ ସମୂହ ରାଜ୍ୟ ମଧ୍ୟରେ ବିକ୍ରି ନ ହୋଇ ସ୍ଥାନାନ୍ତରିତ ହେଉଥିବା ସ୍ଥଳେ ସେହି ଦ୍ରବ୍ୟ ଉପରେ କନ୍‌ସାଇନ୍‌ମେଣ୍ଟ ଟିକସ ବସାଇ ରାଜସ୍ୱ ବୃଦ୍ଧି କରିବାର ଆଶା ଆମେ ପୋଷଣ କରିଅଛୁ । କିନ୍ତୁ ଏଥିପାଇଁ ଲୋକସଭା ଦ୍ୱାରା ଆଇନର ପରିବର୍ତ୍ତନ ଓ ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଛି । କେନ୍ଦ୍ର ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି । ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ, ଆବଶ୍ୟକ ସ୍ଥଳେ, ବିଭିନ୍ନ ବ୍ୟବସ୍ଥା ପ୍ରତି ଉପଯୁକ୍ତ ସମୟରେ ଏ ଗୃହର ଅନୁମୋଦନ ଲୋଡ଼ାଯିବ ।

୩୯ । ମୁଁ ପୂର୍ବରୁ କହିଅଛି ଯେ ଅଣ-ଟିକସ ସୂତ୍ରରୁ ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ଉପରେ ଆମେ ଗୁରୁତ୍ୱ ଆରୋପ କରୁ । ଜଳସେଚନ ଓ ବିଦ୍ୟୁତ୍ ବିକ୍ରି କ୍ଷେତ୍ରରେ ଯେଉଁ କ୍ଷତି ଘଟୁଛି ତାହାକୁ ସଙ୍କୁଚିତ କରିବା ଏକାନ୍ତ ଆବଶ୍ୟକ ହୋଇ-ପଡ଼ିଛି । ଜଙ୍ଗଲ ଜାତ ଦ୍ରବ୍ୟ ଓ ଖଣିଜ ପଦାର୍ଥର ବ୍ୟବସାୟକୁ ପୁନଃବିନ୍ୟାସ କରି ଏବଂ ରାଜସ୍ୱ (Royalty) ପରିବର୍ତ୍ତନ କରାଯାଇ, ଅଧିକ ସମ୍ବଳ ସଂଗ୍ରହର ସମ୍ଭାବନା ରହିଛି । ଯେଉଁ କର୍ମଚାରୀମାନେ ଭବିଷ୍ୟନିଧି ପାଣ୍ଠିର ପରିସରଭୁକ୍ତ ହୋଇ